## ସଂକ୍ଷେପରେ

### ଫସଲ ବୀମା ଯୋଜନା ସମ୍ପର୍କରେ ସଚେତନତା

**ଭୋଗରାଇ, ୨୭।୧୨(ଡି.ଏନ.ଏ.):** ଭୋଗରାଇ ବ୍ଲକ ସମ୍ମୁଖ କୃଷି ବିଭାଗ କାର୍ଯ୍ୟାଳୟରେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ସଚେତନତା ଶିବିର ବୁଧବାର ଅନୁଷ୍ଠିତ ହୋଇଛି। ଭୋଗରାଇ କୃଷି ବିଭାଗର ଏ.ଏ.ଓ. ରାଧାଗୋବିନ୍ଦ ଦେଙ୍କ ପୌରୋହିତ୍ୟରେ ଜଳେଶ୍ୱର ଜିଲା କୃଷି ଅଧିକାରୀ ସୁରେନ୍ଦ୍ର ନାଥ ମହାପାତ୍ର, ବାଲେଶ୍ୱର ଜେ.କ୍ୟୁ.ସି.ଆଇ ରାମହରି ଜେନା ଓ ଜୋନାଲ ଇନ୍ସୁରାନ୍ସର ପଦାଧିକାରୀ ରୟେଲ ସୁନ୍ଦରମ ଯୋଗଦେଇ ପ୍ରାକୃତିକ ଦୁର୍ବିପାକରେ ଫସଲହାନି ଏବଂ କ୍ଷତି ଭୋଗୁଥିବା କୃଷକମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ ନିମନ୍ତେ ଋଣୀ କୃଷକ, ଅଣଋଣୀ କୃଷକମାନଙ୍କୁ କିପରି ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇପାରିବ ସେଥିପାଇଁ ଆଲୋଚନା ପର୍ଯ୍ୟାଲୋଚନା କରାଯାଇଥିଲା। କୃଷକମାନେ ବୁଣାବୁଣି, ଠିଆଫସଲ, ଅମଳ ପରବର୍ତ୍ତୀ କ୍ଷତି ଏଡାଇବାକୁ ଚାଷୀମାନଙ୍କୁ ବୀମାଭୁକ୍ତ ହେବାକୁ ପରାମର୍ଶ ଦିଆଯାଇଥିଲା।

### ମଉଡମଣି ଉଚ୍ଚ ବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ

**ସୋର, ୨୭।୧୨(ଡ଼ି.ଏନ୍.ଏ.):** ସୋର ମ୍ୟୁନିସିପାଲିଟି ବାର୍‌ହାପୁର ମଉଡମଣି ଉଚ୍ଚ ବିଦ୍ୟାପୀଠର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଓଡିଶା ସାହିତ୍ୟ ଏକାଡେମୀର କଥାକାର ରଜନୀ ମହାନ୍ତିଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଅବସରପ୍ରାପ୍ତ ପ୍ରାଧାପକ ଡ. ଚେମେଇ ଦାସ, ଈଶ୍ୱର ଚନ୍ଦ୍ର ବେହେରା ସଞ୍ଚାଳନ କରିଥିଲେ। ଜୟନ୍ତୀ କମିଟି ସଭାପତି ସୀତାକାନ୍ତ ନାୟକଙ୍କ ସଭାପତିତ୍ୱରେ ସନ୍ଧ୍ୟା ଅଧିବେଶନରେ ଶିଳ୍ପ ଓ ଉଚ୍ଚଶିକ୍ଷା ମନ୍ତ୍ରୀ ଅନନ୍ତ ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ବିଧାୟକ ପର୍ଶୁରାମ ଧଡା, ଜିଲାପାଳ ରମେଶ ଚନ୍ଦ୍ର ରାଉତ ଓ ଜିଲା ଶିକ୍ଷାଧିକାରୀ ପ୍ରମୋଦ କୁମାର ଷଡ଼ଙ୍ଗୀ ପ୍ରମୁଖ ଯୋଗ ଦେଇଥିଲେ।

## ଜାତୀୟ ରାଜପଥରେ ଆତଙ୍କ

# ଯୁବକଙ୍କୁ ମାଡ଼ ମାରି ୭୨ହଜାର ଲୁଟିଲେ

**ବାହାନଗା, ୨୭।୧୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଦେଇଯାଇଥିବା ୧୬ ନଂ. ଜାତୀୟ ରାଜପଥରେ ଏବେ ଲୁଟେରା ଆତଙ୍କ ଚଳାଇଛନ୍ତି। ବୁଧବାର ରାତିରେ ଏହି ରାଜପଥ ଦେଇ ଯାଉଥିବା ପପୁ ସାହୁ (୨୮) ନାମକ ଯୁବ ବ୍ୟବସାୟୀଙ୍କୁ ଦୁର୍ବୃତ୍ତମାନେ ମାଡ ମାରି ତାଙ୍କଠାରୁ ୭୨ ହଜାର ଟଙ୍କା, ସୁନାଚେନ୍ ଓ ମୋବାଇଲ ଛଡାଇନେଇଛନ୍ତି। ଖନ୍ତାପଡା ଥାନା ପୋଲିସ ପହଞ୍ଚି ଯୁବ ବ୍ୟବସାୟୀଙ୍କୁ ଗୁରୁତର ଭାବେ ଉଦ୍ଧାର କରି ଚିକିତ୍ସା ପାଇଁ ବାଲେଶ୍ୱର ହସ୍‌ପିଟାଲ ପଠାଇଥିଲେ। ଦୁର୍ବୃତ୍ତଙ୍କ ମାଡରେ ପପୁଙ୍କ ଗୋଡ ଭାଙ୍ଗିଯିବା ସହିତ ମୁହଁ ଓ ହାତ ଖଣ୍ଡିଆଖାବରା ହୋଇଯାଇଛି। ସେ ଏବେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ଗୁରୁତର ଭାବେ ଚିକିତ୍ସିତ ହେଉଛନ୍ତି। ଏ ସମ୍ପର୍କରେ ପପୁ କିମ୍ବା ତାଙ୍କ ପରିବାର ପକ୍ଷରୁ ଥାନାରେ କୌଣସି ଅଭିଯୋଗ କରାଯାଇନାହିଁ। ମାତ୍ର ତାଙ୍କୁ ମାଡ ମାରି ଟଙ୍କା ଛଡାଇ ନିଆଯାଇଥିବା ଖବର ସତ ବୋଲି ଥାନା ଅଧିକାରୀ ଶ୍ରୀବଲ୍ଲଭ ସାହୁ କହିଛନ୍ତି। ପପୁ ବାହାନଗା ବଜାରରେ ଏକ ହୋଲସେଲିଂ କରିଛନ୍ତି।

## ଖଇରାରେ ପାଳନ ହେଲାନି କଳା ଦିବସ

**ଖଇରା, ୨୭।୧୨(ଡି.ଏନ.ଏ.):** ବାଲେଶ୍ୱର ଜିଲାର ବିଭିନ୍ନ ବ୍ଲକରେ ବୁଧବାର କଂଗ୍ରେସ ପକ୍ଷରୁ କଳା ଦିବସ ପାଳନ କରାଯାଇଥିବା ବେଳେ ଖଇରା ବ୍ଲକରେ ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳିଥିଲା। ଏଠାରେ ନେତୃତ୍ୱ ନେବା ଲାଗି ଦୁଇ ଗୋଷ୍ଠୀ ମଧ୍ୟରେ ଛକାପଞ୍ଝା ଲାଗି ରହିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା କୁହାଯାଉଛି। ଏ ସମ୍ପର୍କରେ ରାଜ୍ୟ ଉପସଭାପତି ଅନନ୍ତ ପ୍ରସାଦ ସେଠୀ କହିଛନ୍ତି ଯେ, ସେ ଏହି କାର୍ଯ୍ୟକ୍ରମ କରିବାକୁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ତାହା ପାଳନ କରାଯାଇନାହିଁ।



## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ balasoreselfie@gmail.com ରେ ଆମର ସେଲ୍‌ଫି କର୍ଣ୍ଣରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।




## ସେଲ୍‌ଫି କର୍ଣ୍ଣର



ସସ୍ମିତା




ଲଳିତ

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | balasoreselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)



ଜିଲାପାଳ ଏବଂ ଅନ୍ୟମାନଙ୍କ ଦ୍ୱାରା ଯାନବାହନ ଯାଞ୍ଚ।

## ଜିଲାପାଳଙ୍କ ଅଚାନକ ଯାନବାହନ ଯାଞ୍ଚ

### ୨୫ହଜାର ଜରିମାନା, ୧୮ ଇ-ଚାଲାଣ, ୫ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ

**ବାଲେଶ୍ୱର ଅଫିସ,୨୭।୧୨**

ବାଲେଶ୍ୱର ଜିଲାପାଳ ରମେଶ ଚନ୍ଦ୍ର ରାଉତ ଅଚାନକ ଗୁରୁବାର ପୂର୍ବାହ୍ନ ୯ଟାରୁ ସାଢେ ୧୧ଟା ପର୍ଯ୍ୟନ୍ତ ଅଢେଇ ଘଣ୍ଟା ପର୍ଯ୍ୟନ୍ତ ଯାନବାହନ ଯାଞ୍ଚ କରିଥିଲେ। ଏଥିରୁ ପୋଲିସ୍ ଓ ଗଣମାଧ୍ୟମ ପ୍ରତିନିଧି, ରାଜନୈତିକ ନେତାମାନେ ମଧ୍ୟ ବାଦ୍ ପଡ଼ି ନ ଥିଲେ। ଆଞ୍ଚଳିକ ପରିବହନ ଅଧିକାରୀ ବିକାଶ ଚୌଧୁରୀ, ସହଦେବଖୁଣ୍ଟା ମଡ଼େଲ ଥାନାଧିକାରୀ ଶୁଭ୍ରାଂଶୁ ନାୟକ, ଟ୍ରାଫିକ ଇନ୍ସପେକ୍ଟର ପ୍ରଶାନ୍ତ କୁମାର ରଣସିଂହ ଏବଂ ତାଙ୍କର ପୁରା ଟିମ୍ ଯାଞ୍ଚ ସମୟରେ ଉପସ୍ଥିତ ଥିଲେ।

ବିନା ହେଲମେଟ୍‌ଧାରୀ, ଡ୍ରାଇଭିଂ ଲାଇସେନ୍ସ ନ ଥିବା, ଦ୍ରୁତଗତିରେ ଯାନବାହନ ଚଳାଉଥିବା କେତେକ ଗାଡ଼ି ଚାଳକଙ୍କୁ ଅଟକାଇ ସେମାନଙ୍କଠାରୁ ଜରିମାନା ବାବଦକୁ ୨୫ହଜାର ଟଙ୍କା ଆଦାୟ କରାଯାଇଥିଲା। ସେହିପରି ୧୮ଟି ଇ-ଚାଲାଣ ଏବଂ ୫ଟି ଡ୍ରାଇଭିଂ ଲାଇସେନ୍ସକୁ ରଦ୍ଦ କରାଯାଇଥିବା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ।

## ଏନଏସଏସ ୟୁନିଟ୍ ପକ୍ଷରୁ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

**ଖଇରା ୨୭।୧୨(ଡି.ଏନ.ଏ.)**

ଖଇରା ବ୍ଲକ ଅଧୀନ ଗରସଙ୍ଗସ୍ଥିତ ଜମ୍ବେଶ୍ୱର ମହାବିଦ୍ୟାଳୟର ଜାତୀୟ ସେବା ସଂସ୍ଥା +୩ ବାଳକ ଓ ବାଳିକା ୟୁନିଟ୍‌ର ମିଳିତ ଉଦ୍ୟମରେ ଗୁରୁବାର ସାନଜୟୀପୁର ପ୍ରାଥମିକ ବିଦ୍ୟାଳୟ ପରିସରରେ ମାଗଣା ରକ୍ତ ପରୀକ୍ଷା ଓ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ପାଥୋଲୋଜିଷ୍ଟ ୧୨୦ ଗ୍ରାମବାସୀଙ୍କର ରକ୍ତ ପରୀକ୍ଷା କରିବା ସହ ବ୍ଲଡ୍ ଗ୍ରୁପ୍ ସମ୍ପର୍କରେ ପ୍ରମାଣପତ୍ର ପ୍ରଦାନ କରିଥିଲେ। ସେହିଭଳି ଇଲୋକ୍ଟ୍ରୋପାଥି ଡାକ୍ତର ଉପେନ୍ଦ୍ର ପ୍ରସାଦ ଖଟୁଆ ୧୧୦ଜଣ ରୋଗୀଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ମାଗଣା ଔଷଧ ବଣ୍ଟନ କରିଥିଲେ। ବାଳିକା ୟୁନିଟ୍‌ର ପୋଗ୍ରାମ ଅଧିକାରିଣୀ ମନୀଷା ମହାନ୍ତି ଓ ବାଳକ ୟୁନିଟ୍ ଅଧିକାରୀ ରାଜେନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନରେ ୨୫ ଛାତ୍ରୀ ଓ ୨୫ଛାତ୍ର ରୋଗୀମାନଙ୍କୁ ଧାଡି ବ୍ୟବସ୍ଥା ଯାତାୟାତକୁ ଶୃଙ୍ଖଳିତ କରିଥିଲେ। ଅଧାପକ ପବିତ୍ରମୋହନ ମହାନ୍ତି, ମାନସ ରଞ୍ଜନ ମହାପାତ୍ର, ପ୍ରଦ୍ୟୁମ୍ନ କୁମାର ପଣ୍ଡା ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।



ସ୍ୱାସ୍ଥ୍ୟ ପରୀକ୍ଷା ଶିବିରରେ ଅଂଶ ଗ୍ରହଣ କରିଥିବା ସ୍ୱେଚ୍ଛାସେବୀ।

## ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ବାର୍ଷିକ ଉତ୍ସବ

**ସୋର, ୨୭।୧୨(ଡ଼ି.ଏନ୍.ଏ.):** ସୋର ମ୍ୟୁନିସିପାଲିଟି ଅନ୍ତର୍ଗତ କମରପୁରଠାରେ ଥିବା ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଅଷ୍ଟାଦଶ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାକେନ୍ଦ୍ରର ସଭାପତି ଅବସରପ୍ରାପ୍ତ ପ୍ରାଧାପକ ଅଞ୍ଜନ କୁମାର ଜେନାଙ୍କ ସଭାପତିତ୍ୱରେ ସଭାରେ ମୁଖ୍ୟଅତିଥି ଭାବେ ବ୍ଲକ ଶିକ୍ଷାଧିକାରୀ ବିଜୟ କୁମାର ମଲ୍ଲିକ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ତାପସୀରାଣୀ ଦାସ, ଅନୁଷ୍ଠାନ ସମ୍ପାଦକ ଶରତଚନ୍ଦ୍ର ଘୋଷ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଶ୍ରୀଅରବିନ୍ଦ ପାଠଚକ୍ର ରାଜ୍ୟ ସଙ୍ଗଠକ ଓ ସାଧକ ପ୍ରଭାତ କୁମାର ନାୟକ ଯୋଗ ଦେଇଥିଲେ। ଏହି ଅବସରରେ କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

## ଆଜି କ'ଣ କେଉଁଠି

ଧାମନଗର

- ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ, ବିଜୁ ପଟ୍ଟନାୟକ ଷ୍ଟାଡିୟମ, ଧାମନଗର, ସକାଳ ୯ଟା ୩୦ ମିନିଟ।

### ଏଟିଏମ୍‌ରୁ ଲୁଟ୍ ଉଦ୍ୟମ

**ଚାନ୍ଦବାଲି, ୨୭।୧୨ (ଡି.ଏନ.ଏ.):** ଭଦ୍ରକ ଜିଲା ଚାନ୍ଦବାଲି ଏନ୍ଏସି ଅନ୍ତର୍ଗତ ବାଲିଗାଁସ୍ଥିତ ଏକ ଷ୍ଟେଟବ୍ୟାଙ୍କ ଏଟିଏମ୍‌ରୁ ବୁଧବାର ବିଳମ୍ବିତ ରାତିରେ ଲୁଟ୍ ଉଦ୍ୟମ ହୋଇଛି। କେତେକ ଲୁଟେରା ଏଟିଏମ୍ ତାଡୁଥିବାବେଳେ ଶବ୍ଦ ଶୁଣି ସ୍ଥାନୀୟ ଲୋକେ ଉଠି ପଡ଼ିବାରୁ ସେମାନେ ପଳାଇ ଯାଇଥିଲେ। ଖବର ପାଇ ସ୍ଥାନୀୟ ପୋଲିସ ପହଞ୍ଚି ଏଟିଏମ୍‌କୁ ସିଲ୍ କରି ତଦନ୍ତ ଚଳାଇଥିଲା।

### ୬ ବଖରା ଜଳିଗଲା

**ଭଣ୍ଡାରିପୋଖରୀ, ୨୭।୧୨ (ଡି.ଏନ.ଏ.):** ଭଣ୍ଡାରିପୋଖରୀ ବ୍ଲକ ନଗୁଁଆ ଗ୍ରାମରେ ଅଗ୍ନିକାଣ୍ଡ ଘଟି ରମାକାନ୍ତ ବେହେରା ଓ ସୁବାସ ବେହେରାଙ୍କର ୬ ବଖରା ଘର ଜଳିଯାଇଛି। ବିଦ୍ୟୁତ୍ ଶର୍ଟସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟିଥିବା କୁହାଯାଉଛି। ଭଣ୍ଡାରିପୋଖରୀ ଦମକଳ କର୍ମଚାରୀ ପହଞ୍ଚି ନିଆଁ ଲିଭାଇଥିଲେ।

### ସମବାୟ ସମିତିରେ ଧାନକିଣା ଆରମ୍ଭ

**ପଦ୍ମପୁର, ୨୭।୧୨ (ଡି.ଏନ.ଏ.):** ବାସୁଦେବପୁର ବ୍ଲକ ବାଲିମେଦ ସେବା ସମବାୟ ସମିତିରେ ଧାନ କିଣା ଆରମ୍ଭ ହୋଇଛି। ୧୧୩୪ ଚାଷୀ ପଞ୍ଜୀକରଣ କରିଥିବାବେଳେ ୧୩,୫୦୦ କୁଇଣ୍ଟାଲ ଧାନ ପ୍ରଥମ ପର୍ଯ୍ୟାୟରେ କିଣାଯିବା ଲାଗି ଲକ୍ଷ୍ୟଧାର୍ଯ୍ୟ ହୋଇଛି। ସଭାପତି ଉତ୍ତମ କୁମାର ପାତ୍ର, ସମ୍ପାଦକ ଶ୍ରୀଧର ନାୟକ, ଭାସ୍କର ଭୋଇ, ଖଗେଶ୍ୱର ଦଳେଇ, ଜାନକୀଲତା ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଭଦ୍ରକ ବ୍ଲକ ସାହାଡା ସମବାୟ ସମିତିରେ ପ୍ରଥମ ଦିନରେ ୧୩୦ କୁଇଣ୍ଟାଲ ଧାନ କିଣାଯାଇଛି। ସଭାପତି ଅରବିନ୍ଦ ଦାସ, ସମ୍ପାଦକ ପ୍ରିୟରଞ୍ଜନ ମହାନ୍ତି, ସମବାୟ ବ୍ୟାଙ୍କ ପରିଚାଳକ ଅଶ୍ୱିନୀ କୁମାର ନାୟକ, ସରପଞ୍ଚ ପ୍ରମିଳା ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ତ୍ୟାଗଭୂମି ମହୋତ୍ସବ ଆରମ୍ଭ

**ଭଦ୍ରକ ଅଫିସ, ୨୭।୧୨**

ମନମୋହନ ସଙ୍ଗୀତ ପରିଷଦ ପଡ଼ିଆ ପରିସରରେ ଗୁରୁବାର ସନ୍ଧ୍ୟାରେ ଭଦ୍ରକ ଜିଲା ସାଂସ୍କୃତିକ ସମ୍ମେଳନ 'ତ୍ୟାଗଭୂମି ମହୋତ୍ସବ' ଉଦ୍‌ଘାଟିତ ହୋଇଯାଇଛି। ଫକୀର ମୋହନ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡ. ମଧୁମିତା ଦାସ ଉଦ୍‌ଘାଟକ ଭାବେ ଯୋଗଦେଇ ଭଦ୍ରକ ମାଟି ତ୍ୟାଗ ଓ ବଳିଦାନର ମାଟି ବୋଲି କହି ସମ୍ବୋଧିତ କରିଥିଲେ। ତ୍ୟାଗଭୂମି ସାଂସ୍କୃତିକ ସମ୍ମେଳନର ସଭାପତି ଅଜୟ ନାୟକ ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ଭାବେ 'ରେବତୀ' ପତ୍ରିକାର ସମ୍ପାଦିକା ସୁବାସିନୀ ଜେନା, ତ୍ୟାଗଭୂମି ସମ୍ପାଦକ ତୁଷାରକାନ୍ତି ମହାନ୍ତି ଯୋଗଦେଇ ଭଦ୍ରକର ଐତିହ୍ୟ ଓ ସ୍ୱାଧୀନତା ସଂଗ୍ରାମରେ ଭଦ୍ରକ ସଂଗ୍ରାମୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ। ଅଧ୍ୟାପକ ବିଶ୍ୱରଞ୍ଜନ ଦାସ ସ୍ୱାଗତ ଭାଷଣ ଓ ଡ. ପ୍ରଭାସ ମହାନ୍ତି ପ୍ରାକ୍ ଭାଷା ରଖିଥିଲେ। ଗାନ୍ଧୀ ଓଡ଼ିଶା ବାଳାଶ୍ରମର ସମ୍ପାଦକ ଅଶୋକ କୁମାର ଦାସ ଶେଷ ସ୍ୱର୍ଶ ରଖିଥିଲେ। ତ୍ୟାଗଭୂମି ପବ୍ଲିକେଶନ ଦ୍ୱାରା ପ୍ରକାଶିତ କବି ହୃଦାନନ୍ଦ ପାଣିଗ୍ରାହୀଙ୍କ ଗୀତି କବିତା ଗ୍ରନ୍ଥ 'ମାୟାମୁରୁଜ' ଲୋକାର୍ପିତ ହୋଇଥିଲା। ବ୍ୟଙ୍ଗ ଚିତ୍ରଶିଳ୍ପୀ ଚୂଡାମଣିଙ୍କ ବ୍ୟଙ୍ଗଚିତ୍ର ଅତିଥିଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। ମହୋତ୍ସବ ପ୍ରାରମ୍ଭରୁ ଅପରାହ୍ନରେ ରକ୍ତତୀର୍ଥ ଇରମ, ଶହୀଦ ପୀଠ ଲୁଣିଆରୁ ଏକ ମଶାଲ ଶୋଭାଯାତ୍ରା ଭଦ୍ରକ ସହର ପରିକ୍ରମା କରିଥିଲା। ସଭା ପ୍ରାରମ୍ଭରେ ତିହିଡି ସଙ୍ଗୀତ ମହାବିଦ୍ୟାଳୟ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ଗାନ କରାଯାଇଥିଲା। ବସୁମିତ୍ରା ସାହୁଙ୍କ ପରିଚାଳନାରେ କଳାହାଣ୍ଡି ମୃଣ୍ମୟୀ ନୃତ୍ୟ ଅନୁଷ୍ଠାନ ପକ୍ଷରୁ ଘୁମୁରା ନୃତ୍ୟ ପରିବେଷଣ କରାଯାଇଥିଲା।



ତ୍ୟାଗଭୂମି ମହୋତ୍ସବରେ ଉପସ୍ଥିତ ଅତିଥିବୃନ୍ଦ।

## କବିତା ଆସର, ଆଲୋଚନାଚକ୍ର

**ଭଦ୍ରକ ଅଫିସ, ୨୭।୧୨**

ଭଦ୍ରକ ଜିଲା ଲେଖିକା ସଂଘର ବର୍ଷାନ୍ତ କବିତା ପାଠ ଓ ଆଲୋଚନାଚକ୍ର କୁଆଁସସ୍ଥିତ ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରାଧାପିକା ଝରଣା ପଟ୍ଟନାୟକ ଅଧ୍ୟକ୍ଷତା ଓ କବୟିତ୍ରୀ ଗୀତାରାଣୀ ଆଇଚ ସଂଯୋଜନା କରିଥିଲେ। ଅଧ୍ୟାପିକା ସୁଚିତ୍ରା ପାଣିଗ୍ରାହୀ, ମମତାରାଣୀ ଦାଶ, ଭାନୁମତୀ ମାଟିଆ, ଡ. ସୁକାନ୍ତି ମହାପାତ୍ର, ବସନ୍ତ ମିଶ୍ର, ଡ. ପ୍ରଭାତ ନଳିନୀ ମହାପାତ୍ର ପ୍ରମୁଖ କବିତା ପାଠ କରିଥିଲେ। କବିଙ୍କ ଭାବନାକୁ ନେଇ ସ୍ପଷ୍ଟ କବିତା ପାଠକୀୟ ଆଦୃତି ଲାଭ କଲେ ସାର୍ଥକତା ପ୍ରତିପାଦିତ ହୋଇଥାଏ ବୋଲି ମତପ୍ରକାଶ ପାଇଥିଲା। ଡ. ପ୍ରଭାତ ନଳିନୀ ମହାପାତ୍ର କବିତାଗୁଡିକୁ ସମୀକ୍ଷା କରିଥିଲେ। ଶିକ୍ଷୟିତ୍ରୀ ଚାରୁଲତା ମହାପାତ୍ର ଧନ୍ୟବାଦ ଦେଇଥିଲେ।




ମେଧାବୃତ୍ତି ଗ୍ରହଣ କରିଥିବା ଛାତ୍ରୀଛାତ୍ର।

## ୨୭ ଛାତ୍ରୀଛାତ୍ରଙ୍କୁ ମେଧାବୃତ୍ତି

**ଭଦ୍ରକ ଅଫିସ, ୨୭।୧୨**

ଛାତ୍ରୀଛାତ୍ରଙ୍କୁ ଉଚ୍ଚଶିକ୍ଷା ଯୋଗାଇଦେବା ଲକ୍ଷ୍ୟ ନେଇ ଭଦ୍ରକ ଜିଲା ଆଦାନୀ ଫାଉଣ୍ଡେଶନ ତରଫରୁ ଚଳିତବର୍ଷର ୨୭ ଛାତ୍ରୀଛାତ୍ରଙ୍କୁ ଆଦାନୀ ମେଧାବୃତ୍ତି ପ୍ରଦାନ କରାଯାଇଛି। ଏହି ବର୍ଷର ୧୦ମ ଶ୍ରେଣୀ ପରୀକ୍ଷାରେ ୭୫ ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବର ରଖି କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ର ମେଧାବୃତ୍ତି ପାଇଛନ୍ତି। କରମାଳ ପଞ୍ଚାୟତସ୍ଥିତ ଏସ୍.ଏସ୍. ନିଗମାନନ୍ଦ ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଧାମରା ପୋର୍ଟ କର୍ପୋରେଟ ଆଫାୟାର୍ସ ଉପସଭାପତି ଜଗତ ପରିଜା କୃତୀ ଛାତ୍ରୀଛାତ୍ରଙ୍କୁ ମେଡାଲ ପିନ୍ଧାଇବା ସହ ମାନପତ୍ର ଓ ଚେକ୍ ପ୍ରଦାନ କରିଥିଲେ। ବନ୍ଦର ପାର୍ଶ୍ୱବର୍ତ୍ତୀ ୮ ପଞ୍ଚାୟତ ଅଧୀନ ୯ଟି ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।

## ବାର୍ଷିକ କ୍ରୀଡ଼ାରେ ୧୪୫ ପ୍ରତିଯୋଗୀ ସାମିଲ

**ଧାମନଗର, ୨୭।୧୨ (ଡି.ଏନ.ଏ.)**

ଧାମନଗର ବ୍ଲକ ଅସୁରାଳିସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ମାତୃ ସୌଧ ପରିସରରେ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ୧୪୫ ପ୍ରତିଯୋଗୀ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ପ୍ରଧାନଶିକ୍ଷକ ମହେଶ୍ୱର ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। ଅସୁରାଳି ସରପଞ୍ଚ ରାଜେନ୍ଦ୍ର କୁମାର ସାହୁ ମୁଖ୍ୟଅତିଥି ଏବଂ ବୈକୁଣ୍ଠନାଥ ସାହୁ, ସଞ୍ଜୟ ପାଢୀ, ନିରାକାର ରାଉତ, ପୀତବାସ ଜେନା, ପ୍ରବୀଣ ବେହେରା, ହୁନକ ମଲିକ, ଭାସ୍କର ବେହେରା, ଜଗନ୍ନାଥ ଦାସ, ଅମରେନ୍ଦ୍ର ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ରବୀନ୍ଦ୍ର ଦାସ, ମାଧବ ଖଟୁଆ, ବଳରାମ ନାୟକ, ତିଲୋତ୍ତମା ସାହୁ ପ୍ରମୁଖ ସହଯୋଗ କରିଥିଲେ।

## 'ଜାତିଭିତ୍ତିକ ନିଯୁକ୍ତି ବନ୍ଦ କରାଯାଉ'

**ଭଦ୍ରକ ଅଫିସ, ୨୭।୧୨:** ଭଦ୍ରକ ବ୍ଲକ ଦଇସିଂ ପଞ୍ଚାୟତ କୁସୁନୁନଗର ଶିବ ମନ୍ଦିରଠାରେ ରାଜ୍ୟ ବ୍ରାହ୍ମଣ ମହାସଭା ଅନୁଷ୍ଠିତ ହୋଇଯାଇଛି। ନାରାୟଣ ଚନ୍ଦ୍ର ପଣ୍ଡା ସଭାପତିତ୍ୱ କରିଥିଲେ। ଜାତିଭିତ୍ତିକ ସଂରକ୍ଷଣକୁ ଉଚ୍ଛେଦ, ଜାତିଭିତ୍ତିକ ପ୍ରମୋଶନ ଓ ଚାକିରିକୁ ବାଦ୍ ଦିଆଯାଇ ମେଧାଭିତ୍ତିକ ନିଯୁକ୍ତି, ପୂଜକ ଓ କାର୍ମାଙ୍ଗୀ ବ୍ରାହ୍ମଣଙ୍କୁ ଭତ୍ତା ପ୍ରଦାନ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ରାଜ୍ୟ ଉପସଭାପତି ପଣ୍ଡିତ ବିଷ୍ଣୁମୋହନ ପଣ୍ଡା, ବନ୍ତ ବ୍ଲକ କାର୍ଯ୍ୟକାରୀ ସଭାପତି ରତ୍ନାକର ଦାଶ, ସମ୍ପାଦକ ସିଦ୍ଧେଶ୍ୱର ପଣ୍ଡା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସର୍ବସମ୍ମତି କ୍ରମେ ଦଇସିଂ ପଞ୍ଚାୟତର କର୍ମକର୍ତ୍ତା ମନୋନୀତ କରାଯାଇଥିଲା।

## ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚାର ବୈଠକ

**ବାସୁଦେବପୁର, ୨୭।୧୨ (ଡି.ଏନ.ଏ.):** ବାସୁଦେବପୁର ନିର୍ବାଚନ ମଣ୍ଡଳୀର ୨୧ ନମ୍ବର ଜିଲା ପରିଷଦ ଜୋନ୍‌ର ବାଲିମୁଣ୍ଡାଠାରେ ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚାର ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଅଧର ଚନ୍ଦ୍ର ମଲିକ ଅଧ୍ୟକ୍ଷତା କରିଥିଲେ। ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦୀନବନ୍ଧୁ ପତି, ମୋର୍ଚ୍ଚାର ଜିଲା ଉପସଭାପତି ସରୋଜ କୁମାର ଜେନା, ସାଧାରଣ ସମ୍ପାଦକ ରମାକାନ୍ତ ସେଠୀ, ଚକ୍ରଧର ସେଠୀ, ନାୟକାଣିଡିହୀ ମଣ୍ଡଳ ସଭାପତି ଗିରିଜା ଶଙ୍କର ନାୟକ, ସାଧାରଣ ସମ୍ପାଦକ ବିମ୍ବାଧର ଜେନା ପ୍ରମୁଖ ଯୋଗ ଦେଇଥିଲେ। ସର୍ବସମ୍ମତି କ୍ରମେ ନାୟକାଣିଡିହୀ ମଣ୍ଡଳ ଅନୁସୂଚିତ ଜାତି ମୋର୍ଚ୍ଚାର ସଭାପତି ଭାବେ ଚକ୍ରଧର ଜେନାଙ୍କୁ ମନୋନୀତ କରାଯାଇଥିଲା। ଏହି ଅବସରରେ ଅନ୍ୟ ଦଳର ୫୦ରୁ ଉର୍ଦ୍ଧ୍ୱ କର୍ମୀ ଭାଜପାରେ ସାମିଲ ହୋଇଥିଲେ।

## 'ଦେଶର ଐତିହ୍ୟକୁ ଋଦ୍ଧିମନ୍ତ କରିଛି ଓଡ଼ିଶାର ସ୍ଥାପତ୍ୟ'

**ତିହିଡ଼ି, ୨୭।୧୨ (ଡି.ଏନ.ଏ.)**

ତିହିଡ଼ି ବ୍ଲକ ପାଳିଆବିନ୍ଧାସ୍ଥିତ ବିରଞ୍ଚି ନାରାୟଣ ମାଧବ ଅର୍ଜ୍ଜୁନ କଲେଜରେ ଇତିହାସ ବିଭାଗ ପକ୍ଷରୁ ସେମିନାର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରାଧ୍ୟାପକ କମଳାକାନ୍ତ ବିଶ୍ୱାଳ ପୌରୋହିତ୍ୟ କରିଥିଲେ। ଇତିହାସ ବିଭାର ପୂର୍ବତନ ପ୍ରାଧ୍ୟାପକ ଡ. ଭାଗବତ ତ୍ରିପାଠୀ ମୁଖ୍ୟଅତିଥି, ଡ. ରାଇମୋହନ ମହାପାତ୍ର ମୁଖ୍ୟବକ୍ତା ଏବଂ ଚାନ୍ଦବାଲି କଲେଜର ପୂର୍ବତନ ଅଧ୍ୟକ୍ଷ ଅଜୟ ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। 'ଓଡ଼ିଶାର ମନ୍ଦିର ସ୍ଥାପତ୍ୟ କଳା ଏବଂ ଓଡ଼ିଶାରେ ବୌଦ୍ଧ ଧର୍ମ' ଶୀର୍ଷକ ସେମିନାର ଅନୁଷ୍ଠିତ ହୋଇଥିଲା। ଓଡ଼ିଶାର ମନ୍ଦିର ସ୍ଥାପତ୍ୟ କଳା ଦେଶର ଐତିହ୍ୟକୁ ଋଦ୍ଧିମନ୍ତ କରିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ବିଭାଗୀୟ ମୁଖ୍ୟ ଅଧ୍ୟାପକ ପବିତ୍ର ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେଇଥିଲେ। ଅଧ୍ୟାପକ ପ୍ରଦୀପ ପାତ୍ର ଅତିଥି ପରିଚୟ ଓ ଡ. ପ୍ରଭାତ ମହାନ୍ତି ବିଷୟ ଉପରେ ସୂଚନା ପ୍ରଦାନ କରିଥିଲେ। ଅଧ୍ୟାପକ ରବି ଚୌଧୁରୀ, ଦେବେନ୍ଦ୍ର ସାହୁ, ସୁଶ୍ରୀ ସଂଗୀତା ଦାସ, ଡ. ବନଜ ବାସିନୀ ବାରିକ, ଅଧ୍ୟାପକ ଗୋବିନ୍ଦ ବାଗ, ଅଧ୍ୟାପକ ବିଶ୍ୱରଞ୍ଜନ ଦାସ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଛାତ୍ରୀ କୌଶଲ୍ୟା ବାରିକ, ଲକ୍ଷ୍ମୀପ୍ରିୟା ସେଠୀ ଓ ତୃପ୍ତିମୟୀ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଅସୁରାଳିରେ ହେବ ଶହୀଦ ମିନି ଷ୍ଟାଡିୟମ

**ଧାମନଗର, ୨୭।୧୨(ଡି.ଏନ.ଏ.)**

ଧାମନଗର ବ୍ଲକ ଅସୁରାଳିରେ ଶହୀଦ ମିନି ଷ୍ଟାଡିୟମ ନିର୍ମାଣ ଲାଗି କ୍ରୀଡ଼ା ବିଭାଗ ତରଫରୁ ଅର୍ଥ ମଞ୍ଜୁର କରାଯାଇଥିବା ନେଇ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ଘୋଷଣା କରିଛନ୍ତି। ଅସୁରାଳିର ଷ୍ଟ୍ରକ୍ଟର ପଡ଼ିଆରେ ବିଜେଡିର ୨୧ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ବିଧାୟକ ଏହା ଘୋଷଣା କରିଥିଲେ। ବ୍ଲକ ସଭାପତି ରଘୁନାଥ ଲେଙ୍କା ସଭାରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ଭାଜପାର ତୁଙ୍ଗନେତା ପ୍ରଶାନ୍ତ ବିଶ୍ୱାଳ ନିଜ ପରିବାର ଏବଂ ସମର୍ଥକଙ୍କୁ ନେଇ ବିଜେଡିରେ ଯୋଗ ଦେଇଥିବାରୁ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଧାମନଗର ବ୍ଲକର ୩୧ ପଞ୍ଚାୟତ, ଏନ୍ଏସି ଓ ତିହିଡି ବ୍ଲକର ୧୨ ପଞ୍ଚାୟତରୁ ଦଳୀୟ ନେତାଙ୍କ ସମେତ ହଜାର ହଜାର ସମର୍ଥକ ଯୋଗ ଦେଇଥିଲେ। ଚାନ୍ଦବାଲିର ପୂର୍ବତନ ବିଧାୟକ ବିଜୟ କୁମାର ନାୟକ, ତିହିଡ଼ି ବ୍ଲକ ଅଧ୍ୟକ୍ଷା ବିଦ୍ୟୁତଲତା ନାୟକ, ଜିଲା ଭିଜିଲାନ୍ସ ମନିଟରିଂ ସଭ୍ୟ ହରେକୃଷ୍ଣ ପାଢୀ, ରାଜ୍ୟ ପରିଷଦ ସଭ୍ୟ ପ୍ରଦୀପ ମଲ୍ଲିକ, ତିହିଡି ବ୍ଲକ ବିଜେଡି ସଭାପତି ରଘୁନାଥ ମିଶ୍ର, ପୂର୍ବତନ ବ୍ଲକ ଅଧ୍ୟକ୍ଷ ନାରାୟଣ ଚନ୍ଦ୍ର ସାହୁ, ସାଧାରଣ ସମ୍ପାଦକ ସେକ୍ ଜାଫର ଅଲ୍ଲୀ, ବ୍ଲକ ମହିଳା ସଭାନେତ୍ରୀ ସୁରତୀ ନାୟକ ଓ କୃଷକ ନେତା ବିଦ୍ୟାଧର ରାଉତ ପ୍ରମୁଖ ଯୋଗ ଦେଇଥିଲେ।

## ସଂକ୍ଷେପରେ

### ପୋଲ ତଳକୁ ଖସି ବାଇକ୍ ଆରୋହୀ ମୃତ

**ଠାକୁରମୁଣ୍ଡା,୨୭।୧୨(ଡି.ଏନ.ଏ):** ଠାକୁରମୁଣ୍ଡା-ଆନନ୍ଦପୁର ୫୩ନଂ ରାଜ୍ୟ ରାଜପଥର ନାକଝରୀ ନାଳ ପୋଲ ତଳକୁ ଖସି ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ଆନନ୍ଦପୁର ଥାନା ଅନ୍ତର୍ଗତ ଫକୀରପୁର ଗ୍ରାମର ପ୍ରଦୀପ ସୂତାରଙ୍କର ପୁଅ ମାନସ ସୁତାର(୨୨) । ଗୁରୁବାର ମାନସ ବାଇକ୍‌ରେ ଘରକୁ ଫେରୁଥିବା ବେଳେ ନାକଝରୀ ନାଳ ପୋଲ ଉପରେ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଫଳରେ ସେ ଛିଟିକି ପୋଲ ଉପରୁ ତଳକୁ ଖସିପଡିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଘଷିପୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

### ବୃଦ୍ଧଙ୍କ ମୃତଦେହ ଉଦ୍ଧାର

**ଭଞ୍ଜକିଆ/ଯଶିପୁର,୨୭/୧୨(ଡି.ଏନ.ଏ):** ମୟୂରଭଞ୍ଜ ଜିଲା ଯଶିପୁର ଥାନା ଅନ୍ତର୍ଗତ ମଣଦା ଗ୍ରାମ ନିକଟ ଏକ ପାଳସା ଗଛରୁ ଜଣେ ବୃଦ୍ଧଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତକ ମଣଦା ଗ୍ରାମର ରାମ ଚନ୍ଦ୍ର ପାତ୍ର(୬୦) । ଗ୍ରାମବାସୀ ପୋଲିସକୁ ସକାଳେ ଖବର ଦେଇଥିବା ବେଳେ ସନ୍ଧ୍ୟାରେ ଯଶିପୁର ପୋଲିସ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ଲାଗି ପଠାଇଛି। ଏଥିଯୋଗୁ ଅସନ୍ତୋଷ ପ୍ରକାଶ ପାଇଥିଲା। ଏନେଇ ଯଶିପୁର ଥାନାରେ ଅପମୃତ ମାମଲା(୨୮/୧୮)ରୁଜୁ ହୋଇଛି ବୋଲି କହିଛନ୍ତି।

### ପଥର ବୋଝେଇ ଡମ୍ଫର ଜବତ

**ଖୁଣ୍ଟା,୨୭।୧୨(ଡି.ଏନ.ଏ.):** ଡୁକୁରା ବନ ବିଭାଗ ପକ୍ଷରୁ ବୁଧବାର ସନ୍ଧ୍ୟାରେ ଗୋଟିଏ କଳାମୁଗୁନି ପଥର ବୋଝେଇ ଡମ୍ଫର ଜବତ ହୋଇଛି । ଉକ୍ତ ରେଞ୍ଜ ଅଧୀନ ଏକ ପଥର ଖାଦାନରୁ ବୁଧବାର ଏକ ଡମ୍ଫର କଳାମୁଗୁନି ପଥର ବୋଝେଇ କରି ଯାଉବେଳେ ବନ କର୍ମଚାରୀଙ୍କ ହାବୁଡ଼ରେ ପଡିଥିଲା । ଡ୍ରାଇଭର ସହିତ ଉକ୍ତ ପଥର ବୋଝେଇ ଗାଡିକୁ ଡୁକୁରା ରେଞ୍ଜ କାର୍ଯ୍ୟାଳୟକୁ ନିଆଯାଇଛି ।

# ଏବେ ବି ବହୁ ଶୌଚାଳୟରେ ଝୁଲୁଛି ତାଲା

**ବାରିପଦା ଅଫିସ,୨୭।୧୨**



କୃଷ୍ଣଚନ୍ଦ୍ର ଗୋଲେଇରେ ଉଦ୍‌ଘାଟନ ପରେ ବି ବନ୍ଦ ରହିଥିବା ସର୍ବସାଧାରଣ ଶୌଚାଳୟ ।

- ବାରିପଦା ହେବ ବାହ୍ୟ ମଳତ୍ୟାଗ ମୁକ୍ତ ସହର
- ଆଜି ହେବ ଘୋଷଣା
- ନିଷ୍ପତ୍ତିକୁ ହାସ୍ୟାସ୍ପଦ କହିଲା ଜେଏମ୍‌ଏମ୍

ବାରିପଦା ପୌର ପରିଷଦ ପକ୍ଷରୁ ବାରିପଦା ସହରକୁ ସମ୍ପୂର୍ଣ୍ଣ ବାହ୍ୟ ମଳତ୍ୟାଗ ମୁକ୍ତ ସହର ଭାବେ ଶୁକ୍ରବାର ଘୋଷଣା କରାଯିବ। ବାରିପଦା ପୌର ପରିଷଦ ପକ୍ଷରୁ ଶହୀଦ ସ୍ମୃତି ଭବନଠାରେ ଆୟୋଜିତ ଏକ ସାଧାରଣ ସଭାରେ ଅତିଥିମାନେ ଯୋଗ ଦେଇ ବାରିପଦା ସହରକୁ ବାହ୍ୟ ମଳତ୍ୟାଗ ମୁକ୍ତ ସହର ଭାବେ ଘୋଷଣା କରିବେ। ଅପରପକ୍ଷେ ମ୍ୟୁନିସିପାଲିଟିର ଏଭଳି ନିଷ୍ପତ୍ତି ହାସ୍ୟାସ୍ପଦ ବୋଲି ଜେଏମ୍‌ଏମ୍ ପକ୍ଷରୁ କୁହାଯାଇଛି।

ଗତ ଅଗଷ୍ଟ ୩୧ ସ୍ୱାୟତ୍ତ ଶାସନ ଦିବସ ଅବସରରେ ସହରର ଜନଗହଳିପୂର୍ଣ୍ଣ ଅଞ୍ଚଳ କୃଷ୍ଣଚନ୍ଦ୍ର ଗୋଲେଇ ସମେତ ଅନ୍ୟ ୬ ଟି ସ୍ଥାନରେ ସର୍ବସାଧାରଣ ଶୌଚାଳୟ ଉଦ୍‌ଘାଟନ କରାଯାଇଥିଲା। ଏହାକୁ ୪ ମାସ ହୋଇଯାଇଥିଲେ ବି ଏଥିରେ ସବୁବେଳେ ତାଲା ପଡୁଛି। ଏହି ଗୋଲେଇ ଛକରେ ଯାତ୍ରୀମାନେ ବସ୍‌କୁ ଅପେକ୍ଷା କରୁଥିବା ବେଳେ ସେମାନଙ୍କ ବ୍ୟବହାର ପାଇଁ ଶୌଚାଳୟ ଖୋଲାଯାଉ ନ ଥିବା ଯୋଗୁ ଜନଅସନ୍ତୋଷ ଲାଗିରହିଛି। ଅପରପକ୍ଷେ ରକ୍ଷଣାବେକ୍ଷଣ ଅଭାବରୁ ପୂର୍ବରୁ ମ୍ୟୁନିସିପାଲିଟି ପକ୍ଷରୁ ସହର ମଧ୍ୟରେ ନିର୍ମାଣ କରାଯାଇଥିବା ପ୍ରାୟ ୧୦ ରୁ ଊର୍ଦ୍ଧ୍ୱ ଶୌଚାଳୟକୁ ଲୋକେ ବ୍ୟବହାର କରୁନାହାନ୍ତି। ଏ ନେଇ ଲୋକେ ପୌର କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କଲେ ମଧ୍ୟ କର୍ତ୍ତୃପକ୍ଷ ନୀରବ ରହୁଛନ୍ତି। ଏପରି ସ୍ଥିତିରେ ମ୍ୟୁନିସିପାଲିଟିର ବାରିପଦା ସହରକୁ ସମ୍ପୂର୍ଣ୍ଣ ବାହ୍ୟ ମଳତ୍ୟାଗ ମୁକ୍ତ ସହର ଭାବେ ଘୋଷଣା ନିଷ୍ପତ୍ତି ହାସ୍ୟାସ୍ପଦ ବୋଲି ଜେଏମଏମ ରାଜ୍ୟ ସାଧାରଣ ସମ୍ପାଦକ କଳିଙ୍ଗ କେଶରୀ ଜେନା କହିଛନ୍ତି। ବର୍ତ୍ତମାନ ମଧ୍ୟ ସହରର ଜନଗହଳିପୂର୍ଣ୍ଣ ଅଞ୍ଚଳରେ ଲୋକେ ବାହାରେ ମଳ ତ୍ୟାଗ କରୁଛନ୍ତି। ସେହିପରି ବାରିପଦା ସହରରେ ଥିବା ସର୍ବସାଧାରଣ ଶୌଚାଳୟଗୁଡିକ ଠିକ୍ ଭାବେ ଖୋଲା ହେଉ ନ ଥିବା ବେଳେ ଯାହା ବି ଅଛି ସେଗୁଡିକ ରକ୍ଷଣାବେକ୍ଷଣ କରାଯାଉ ନାହିଁ। ଏ ସମ୍ପର୍କରେ ବାରିପଦା ମ୍ୟୁନିସିପାଲିଟିର ନିର୍ବାହୀ ଅଧିକାରୀ ଦାୟିତ୍ୱରେ ଥିବା ସରୋଜ କୁମାର ଦାସଙ୍କୁ ଫୋନ ଯୋଗେ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ସୁଦ୍ଧା ସେ ଫୋନ ଧରି ନ ଥିବାରୁ ମତାମତ ମିଳିପାରିନାହିଁ।

■ ବିଜେଡି ପ୍ରତିଷ୍ଠା ଦିବସ

# 'ଦଳକୁ ତୃଣମୂଳ ସ୍ତରରୁ ସୁଦୃଢ କର'

**ବିଶୋଇ, ୨୭।୧୨ (ଡି.ଏନ.ଏ.)**

ବିଶୋଇ ବ୍ଲକ ଅନ୍ତର୍ଗତ ବିଶୋଇ ଡାକବଙ୍ଗଳା ପରିସରରେ ସାରସକଣା ନିର୍ବାଚନ ମଣ୍ଡଳୀ ସ୍ତରୀୟ ବିଜେଡି ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ସାରସକଣା ବିଧାୟକ ଭାଦବ ଚନ୍ଦ୍ର ହାଁସଦା ଯୋଗଦେଇଥିବା ବେଳେ ସମ୍ମାନୀୟ ଅତିଥି ଭାବରେ ଜିଲା ଆଦିବାସୀ ସତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ତଥା ରାଜ୍ୟ ବିଜେଡି ମୁଖପାତ୍ର ଦେବାଶିଷ ମାର୍ଣ୍ଡି ଉପସ୍ଥିତ ଥିଲେ। ବିଶୋଇ ବ୍ଲକ ବିଜେଡି ସଭାପତି ଫାଗୁରାମ ମାର୍ଣ୍ଡିଙ୍କ ସଭାପତିତ୍ୱରେ ଏକ ବିଶାଳ ସଭାର ଆୟୋଜନ କରାଯାଇଥିଲା । ଏଥିରେ ରାଇରଙ୍ଗପୁର ବିଧାୟକ ସାଇବା ସୁଶିଲ ହାଁସଦା, ବିଶୋଇ ବ୍ଲକ ଯୁବ ବିଜେଡି ସଭାପତି କ୍ଷୀରୋଦ କୁମାର ନନ୍ଦ, ସାରସକଣା ବିଧାୟକ ଭାଦବ ହାଁସଦା, ରାଜ୍ୟ ବିଜେଡି କାଉନସିଲର ରତିକାନ୍ତ ପରୀକ୍ଷା, ମୟୂରଭଞ୍ଜ ଜିଲା ମହିଳା ବିଜେଡି ସଭାପତି ମମତା ମହାନ୍ତ, ଉପସଭାପତି ସୁକାନ୍ତି ମୁର୍ମୁ ଯୋଗ ଦେଇଥିଲେ। ଆଗାମୀ ନିର୍ବାଚନରେ ଦଳକୁ ତୃଣମୂଳ ସ୍ତରରୁ ସୁଦୃଢ଼ କରିବାକୁ ଆହ୍ୱାନ ଦେଇଥିଲେ। ଶେଷରେ ବ୍ଲକ ସଭାପତି ଫାଗୁରାମ ମାର୍ଣ୍ଡି ଧନ୍ୟବାଦ ଅର୍ପଣ କରିଥିଲେ।

# ୩ ବର୍ଷ ପରେ ଘରକୁ ଫେରିଲେ ମିଥୁନ

**ବାରିପଦା ଅଫିସ,୨୭।୧୨**


ନିଜ ପରିବାର ଲୋକଙ୍କ ସହିତ ମିଥୁନ।

ମିଥୁନ ସିଂ। ବୟସ ୧୪। ବାପାଙ୍କ ଦ୍ୱିତୀୟ ବିବାହ ପରେ ମା' ମିଥୁନ ଓ ତାଙ୍କ ଭଉଣୀଙ୍କ ଦାୟିତ୍ୱ ସମ୍ଭାଳି ପାରି ନ ଥିଲେ। ପରେ ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଧୀନ କରକଚିଆ ଗ୍ରାମସ୍ଥିତ ବାପଘରେ ଉଭୟ ଝିଅପୁଅଙ୍କୁ ସେ ଛାଡି ଦେଇଥିଲେ। ନିଃସନ୍ତାନ ମାମୁ ମାଇଁ ମଧ୍ୟ ଉଭୟଙ୍କୁ କୋଳେଇ ନେଇଥିଲେ। ହେଲେ ୩ ବର୍ଷ ପୂର୍ବେ ଅଚାନକ ଦିନେ ଘରେ କିଛି ନ କହି ମିଥୁନ କୁଆଡେ ଚାଲିଯାଇଥିଲେ। ପରିବାର ଲୋକେ ବି ବହୁ ଖୋଜାଖୋଜି କରି ନ ପାଇବାରୁ ଏକପ୍ରକାର ଆଶା ଛାଡି ଦେଇଥିଲେ। ତାଙ୍କୁ ପ୍ରଥମେ ସୁନ୍ଦରଗଡ ଜିଲା ପୋଲିସ ଉଦ୍ଧାର କରି ପଚରାଉଚରା ପରେ ମୟୂରଭଞ୍ଜ ଜିଲା ଶିଶୁ ସୁରକ୍ଷା ୟୁନିଟକୁ ହସ୍ତାନ୍ତର କରିଥିଲା। ହେଲେ ସେ ନିଜ ଘର ଠିକଣା କହି ନ ପାରିବାରୁ ୨ ବର୍ଷ ହେବ ସେଠାରେ ରହି ଆସୁଥିଲେ। ସେଠାରେ ସେ ନହରପଦା ବିଦ୍ୟାଳୟରେ ତୃତୀୟ ଶ୍ରେଣୀରେ ପଢୁଥିଲେ। ଏହାପରେ ଗତ ୨୪ ତାରିଖରେ ମିଥୁନଙ୍କୁ ହସ୍ତାନ୍ତର କରାଯାଇଛି।

୩ ବର୍ଷ ପୂର୍ବେ ଘରୁ ପଳାଇଥିବା ମିଥୁନଙ୍କୁ ସୁନ୍ଦରଗଡ ଜିଲା ପୋଲିସ ଉଦ୍ଧାର କରି ୨୦୧୬ ଡିସେମ୍ବରରେ ମୟୂରଭଞ୍ଜ ଜିଲା ଶିଶୁ ସୁରକ୍ଷା ବିଭାଗକୁ ହସ୍ତାନ୍ତର କରିଥିଲା। ହେଲେ ମିଥୁନ ଘର ଠିକଣା କହି ନ ପାରିବାରୁ ତାଙ୍କୁ ବାରିପଦାର ଏକ ଶିଶୁ ଯତ୍ନ ଅନୁଷ୍ଠାନରେ ରଖାଯାଇଥିଲା। ଗତ ୨୪ରେ ଜିଲା ଶିଶୁ ସୁରକ୍ଷା ୟୁନିଟର ଦିଲୀପ କୁମାର ପଣ୍ଡା ଏବଂ ଶିଶୁ ଯତ୍ନ ଅନୁଷ୍ଠାନର କର୍ମକର୍ତ୍ତା ଜ୍ୟୋତ୍ସ୍ନାରାଣୀ ଦାସ ତାଙ୍କୁ କନ୍ହେଇବନ୍ଧ ଅଞ୍ଚଳକୁ ନେଇ ପଚରାଉଚରା କରି ତାଙ୍କ ଘରର ଠିକଣା ପାଇଥିଲେ। ଗତ ୨୪ରେ ମିଥୁନଙ୍କୁ ତାଙ୍କ ମାମୁମାଇଁଙ୍କୁ ହସ୍ତାନ୍ତର କରାଯିବା ପରେ ସେମାନେ ବହୁତ ଖୁସି ଥିବା କହିଛନ୍ତି।

### ଜଳ ସଂରକ୍ଷଣ ସଚେତନତା

**ବାରିପଦା ଅଫିସ,୨୭।୧୨**

ମୟୂରଭଞ୍ଜ ଜିଲା ଗଡିଆ ଆଞ୍ଚଳିକ ମହାବିଦ୍ୟାଳୟର ଯୁବ ରେଡକ୍ରସ ସଂସ୍ଥା ଓ ଜାତୀୟ ସ୍ୱେଚ୍ଛାସେବୀ ସଂସ୍ଥାର ମିଳିତ ଆନୁକୂଲ୍ୟରେ ଜଳ ସଂରକ୍ଷଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠାନର ଏକ ସଚେତନତା ରାଲିକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଜଗନ୍ନାଥ ମହାପାତ୍ର ଉଦ୍‌ଘାଟନ କରିଥିଲେ। ଏହି ବିଦ୍ୟାଳୟର ଯୁବ ରେଡକ୍ରସ ସଂସ୍ଥା ଅଧିକାରୀ ପ୍ରାଧ୍ୟାପକ ସନ୍ଦୀପ କୁମାର ଚାନ୍ଦ ଓ ଅଧ୍ୟାପକ ଦିଗମ୍ବର ରାଉତ ଏବଂ ଜାତୀୟ ସ୍ୱେଚ୍ଛାସେବୀ ସଂସ୍ଥାର ଅଧିକାରୀ ଅଧ୍ୟାପକ ରାଜକୁମାର ବିଶ୍ୱାଳ,ପୁଷ୍ପାଞ୍ଜଳି ଟିପିରିଆ, ନିବେଦିତା ପାତ୍ରଙ୍କ ନେତୃତ୍ୱରେ ବହୁ ସଂଖ୍ୟାରେ ସ୍ୱେଚ୍ଛାସେବୀ ୩ ଗ୍ରାମ ପରିକ୍ରମା କରିଥିଲେ।

# ବାଳିକା କ୍ରିକେଟ ପ୍ରତିଯୋଗିତାରେ ମୟୂରଭଞ୍ଜରୁ ୧୩



କ୍ରିକେଟ ପ୍ରତିଯୋଗିତାରେ ସାମିଲ ମୟୂରଭଞ୍ଜର ପ୍ରତିଯୋଗୀମାନେ।

**ବାରିପଦା ଅଫିସ,୨୭।୧୨**

ରାଜ୍ୟସ୍ତରୀୟ ୧୭ବର୍ଷରୁ କମ ବାଳିକା ବର୍ଗର କ୍ରିକେଟ ପ୍ରତିଯୋଗିତା ଚଳିତ ମାସ ୨୮ ଓ ୨୯ ଦୁଇ ଦିନ ଧରି ଅନୁଗୋଳ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ଭାଗନେବା ପାଇଁ ମୟୂରଭଞ୍ଜ ଜିଲା ଶିକ୍ଷା ଅଧିକାରୀ ଧ୍ରୁବଚରଣ ବେହେରା ଓ ଜିଲା ଶାରୀରିକ ଶିକ୍ଷା ପରଦର୍ଶକ ଭାଗୀରଥି ମଲ୍ଲିକଙ୍କ ତତ୍ତ୍ୱାବଧାନରେ ୧୩ଜଣ ପ୍ରତିଯୋଗୀ ଅନୁଗୋଳ ଯାତ୍ରା କରିଛନ୍ତି। ଏହି ପ୍ରତିଯୋଗୀଙ୍କ ସହ ବାଳକ ଟିମ୍‌ର ମ୍ୟାନେଜର ଭାବେ ପିଇଟି ସନ୍ତୋଷ ମହାନ୍ତ ଏବଂ ବାଳିକା ଟିମ୍‌ର ମ୍ୟାନେଜର ଭାବେ ସୁକୁମାରୀ ସିଂ ମଧ୍ୟ ଯାତ୍ରା କରିଛନ୍ତି। ଅନୁଗୋଳ ଯାତ୍ରା କରିଥିବା ୧୩ ଜଣ ପ୍ରତିଯୋଗୀ ହେଲେ ଭାଗ୍ୟଶ୍ରୀ ସିଂ, ସାକ୍ର ମାଝି, ସୁକାନ୍ତ ସିଂ, ସଲମା ମାର୍ଣ୍ଡି, ରାଧାମଣୀ ସିଂ, ଦୁଲି ସୋରେନ, ଦୁଲି ବେସ୍ରା, ଲୁସକି ସୋରେନ, ପଲ୍ଲବୀ ମାଝୀ,ଜ୍ୟୋସ୍ନା ହେମ୍ବ୍ରମ, ସୁମିତ୍ରା ଟୁଡୁ, ବାସନ୍ତୀ ହେମ୍ବ୍ରମ, ଅଲିତା ମାର୍ଣ୍ଡି ପ୍ରମୁଖ। ଏନେଇ ମୟୂରଭଞ୍ଜ ଜିଲା ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ସେମାନଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

## କେନ୍ଦୁଝର

## ସଂକ୍ଷେପରେ

### ନିଆଁରେ ପୋଡ଼ି ହୋଇ ବୃଦ୍ଧାଙ୍କ ମୃତ୍ୟୁ

**ଢେଙ୍କିକୋଟ, ୨୭।୧୨ (ଡି.ଏନ.ଏ.):** କେନ୍ଦୁଝର ଜିଲା ଢେଙ୍କିକୋଟ ଫାଣ୍ଡି ଅନ୍ତର୍ଗତ ଦ୍ୱାରିକାପଶି ଗ୍ରାମରେ ଶୀତ ଦାଉରୁ ରକ୍ଷା ଲାଗି ନିଆଁ ପୁଇଁ ହେଉଥିବା ବେଳେ ପୋଡ଼ି ହୋଇ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ମୃତ ବୃଦ୍ଧା ହେଲେ ଏହି ଗ୍ରାମର କଇଁତା ସେଠୀ(୭୫)। ସେ ପିନ୍ଧିଥିବା ଶାଢିରେ ନିଆଁ ଲାଗିଯିବାରୁ ଗୁରୁତର ଆହତ ହୋଇଥିଲେ। ତାଙ୍କୁ କେନ୍ଦୁଝର ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଢେଙ୍କିକୋଟ ଫାଣ୍ଡିର ଭାରପ୍ରାପ୍ତ ଅଧିକାରୀ ପ୍ରୀତିରଞ୍ଜନ ପରିଡା, କନଷ୍ଟେବଲ ମାନସ ରଞ୍ଜନ ରାଉତ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରିଥିଲେ। ଏ ନେଇ ଘଟଗାଁ ଥାନାରେ ଏକ ମାମଲା ରୁଜୁ କରାଯାଇ ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

### କିରୋସିନ ଢାଳି ସ୍ତ୍ରୀଙ୍କୁ ହତ୍ୟା ଅଭିଯୋଗ

**ତେଲକୋଇ, ୨୭।୧୨(ଡି.ଏନ.ଏ.):** କେନ୍ଦୁଝର ଜିଲା ତେଲକୋଇ ଥାନା ଅନ୍ତର୍ଗତ କରଦାଙ୍ଗୀ ଗ୍ରାମର ଘୋଡାବେଡା ସାହିରେ ଗତ ବୁଧବାର ଭୋର ସମୟରେ ସ୍ୱାମୀ ସ୍ତ୍ରୀ ଉପରେ କିରୋସିନ ଢାଳି ନିଆଁ ଲଗାଇ ହତ୍ୟା କରିଥିବା ଥାନାରେ ଅଭିଯୋଗ ହୋଇଛି । ଘୋଡାବେଡା ସାହିର କୁନା ମହାନ୍ତ ଯୌତୁକ ପାଇଁ ସ୍ତ୍ରୀ ସବିତାଙ୍କୁ ନିର୍ଯାତନା ଦେଉଥିଲେ । ୫ବର୍ଷ ତଳେ ଢେଙ୍କାନାଳ ଜିଲା ଗଡପଳାଶୁଣୀ ଗ୍ରାମର ଲମ୍ବୋଧର ମହାନ୍ତଙ୍କ ଝିଅ ସବିତା କୁନାଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ । ପରେ ସବିତା ଯୌତୁକ ପାଇଁ ନିର୍ଯାତନାର ଶିକାର ହେଉଥିଲେ ବୋଲି ତାଙ୍କ ବାପା ଅଭିଯୋଗରେ ଦର୍ଶାଇଛନ୍ତି। ଗୁରୁବାର ପୋଲିସ ମାଜିଷ୍ଟ୍ରେଟ ଦିଲୀପ କୁମାର ବାରାଙ୍କ ଉପସ୍ଥିତିରେ ଘଟଣା ସ୍ଥଳରେ ପହଞ୍ଚି ପଡୋଶୀ ଓ ଘର ଲୋକଙ୍କ ବୟାନ ରେକର୍ଡ ପରେ ମୃତଦେହ ଜବତ କରିଛି । ଏନେଇ ପୋଲିସ ଏକ ମାମଲା (ନଂ. ୧୮୨/୧୮) ରୁଜୁ କରି କୁନାଙ୍କୁ ଗିରଫ କରିବା ସହିତ ପରିବାର ଲୋକଙ୍କୁ ଅଟକ ରଖି ତଦନ୍ତ ଜାରୀ ରଖିଥିବା ଥାନା ଅଧିକାରୀ ଦେବେନ୍ଦ୍ର ନାଥ ପିଙ୍ଗୁଆ କହିଛନ୍ତି ।

■ ଡିଏମ୍‌ଏଫ୍ ପାଣ୍ଠି ବିନିଯୋଗର ତଦନ୍ତ

# ଯୋଡ଼ାରେ ଜଷ୍ଟିସ ଏ.କେ.ପଟ୍ଟନାୟକ

**ଯୋଡା/ବଡ଼ବିଲ/ଚମ୍ପୁଆ, ୨୭।୧୨(ଡି.ଏନ.ଏ.)**

କେନ୍ଦୁଝର ଜିଲା ଯୋଡା ଖଣିମଣ୍ଡଳକୁ ସୁପ୍ରିମ୍ କୋର୍ଟଙ୍କ ଦ୍ୱାରା ନିଯୁକ୍ତ ଡିଏମଏଫ ର ନୋଡାଲ ଅଫିସର ତଥା ସୁପ୍ରିମ୍ କୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ୍ ଏ.କେ. ପଟ୍ଟନାୟକଙ୍କ ନେତୃତ୍ୱରେ ଓଡିଶା ମିନେରାଲ ଏରିଆ ଡେଭେଲପମେଣ୍ଟ କାଉନସିଲ (ଓଏମଏଡିସି)ର ଏକ ପ୍ରତିନିଧି ଦଳ ଗସ୍ତରେ ଆସିଛନ୍ତି। ଯୋଡା ଖଣି ମଣ୍ଡଳରେ ଡିଷ୍ଟ୍ରିକ୍ ମିନେରାଲ ଫଣ୍ଡ ( ଡିଏମଏଫ) ଅର୍ଥରେ ହେଉଥିବା ବିକାଶମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ଡିଏଭି ସ୍କୁଲ୍ ଛକଠାରେ ଯୋଡା ବିକାଶ ପରିଷଦ ପକ୍ଷରୁ ଧୂଳିଧୂଆଁରେ ଅତିଷ୍ଠ ଯୋଡା ଜନସାଧାରଣଙ୍କ ପାଇଁ ଅତି ଶୀଘ୍ର ଡିଏମଏଫ ଅର୍ଥରେ ଫ୍ଲାଏଓଭର ନିର୍ମାଣ କରି ବାଇପାସ ରାସ୍ତା କରିବାକୁ ଦାବି କରି ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା ।

ଚମ୍ପୁଆ ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ଜିତୁ ପଟ୍ଟନାୟକ ଖଣି ପ୍ରଭାବିତ ଅଞ୍ଚଳ ଗୁଡିକରେ ଏ ପର୍ଯ୍ୟନ୍ତ ଡିଏମଏଫ ଟଙ୍କାର ଠିକ୍ ଭାବେ ଖର୍ଚ୍ଚ କରାଯାଉ ନ ଥିବା ଅଭିଯୋଗ କରିଥିଲେ। ଏହି ଟଙ୍କାରେ ଖଣି ପ୍ରଭାବିତ ଅଞ୍ଚଳ ଗୁଡିକରେ କଂକ୍ରିଟ୍ ସଡକ, ଜଳ ଯୋଗାଣ, ବିଦ୍ୟାଳୟର ପୁନଃନିର୍ମାଣ, ଅନୁସୂଚିତ ଜାତିଓ ଜନଜାତି ପାଇଁ କମ୍ୟୁନିଟି ସେଣ୍ଟର, ଯୋଡା,


ଜଷ୍ଟିସ ଏ.କେ.ପଟ୍ଟନାୟକଙ୍କ ଯୋଡା ଖଣିମଣ୍ଡଳ ଗସ୍ତ ।

**ଆଦାୟ ହଜାର ହଜାର କୋଟି ହେଲେ ଖର୍ଚ୍ଚ ଶୂନ୍**

ବଡବିଲ ଓ ଚମ୍ପୁଆ ଠାରେ ଥିବା ସରକାରୀ ଡାକ୍ତରଖାନା ଗୁଡିକୁ ପୁନରୁଦ୍ଧାର କରାଯାଇ ରୋଗୀ ଶଯ୍ୟା ବୃଦ୍ଧି କରିବା ସହିତ ଏହାର ଆଧୁନିକୀକରଣ ଉପରେ ଦାବି କରିଥିଲେ । ଜଷ୍ଟିସ ପଟ୍ଟନାୟକ ଶୀଘ୍ର ପୂରଣ କରାଯିବାର ପ୍ରତିଶ୍ରୁତି ଦେଇଥିଲେ। କେନ୍ଦୁଝର ଜିଲାପାଳ ଆଶିଷ ଠାକରେଙ୍କୁ ଏଦିଗରେ ଦୃଷ୍ଟି ଦେବା ପାଇଁ କହିଥିଲେ। ଏହି ଗସ୍ତ କାର୍ଯ୍ୟକ୍ରମରେ ଜଷ୍ଟିସ ପଟ୍ଟନାୟକଙ୍କ ସହିତ କେନ୍ଦୁଝର ଜିଲାପାଳ ଆଶିଷ ଠାକରେ, ଚମ୍ପୁଆ ଉପଜିଲାପାଳ ପାରୁଲ୍ ପଟାୱାରୀଙ୍କ ସମେତ ବହୁ ପ୍ରଶାସନିକ ଅଧିକାରୀ ଥିଲେ । ମିଳିଥିବା ସୂଚନା ଅନୁଯାୟୀ କେବଳ ଯୋଡା ଖଣି ମଣ୍ଡଳରୁ ୧୭/୦୯/୨୦୧୫ ତାରିଖ ଠାରୁ ୨୪/୧୨/୨୦୧୮ ତାରିଖ ପର୍ଯ୍ୟନ୍ତ ୨୩୦୪ କୋଟି ୯୦ ଲକ୍ଷ ୧୧ ହଜାର ୫୭୦ ଟଙ୍କା ଆଦାୟ ହୋଇଛି । ସେହିପରି ବେଆଇନ୍ ଖଣି ଖନନ ବାବଦକୁ ଜରିମାନା ଖଣି କମ୍ପାନୀ ମାନେ ୮୫୮୮ କୋଟି ୪୦ ଲକ୍ଷ ୫୦ ହଜାର ୯୮୫ ଟଙ୍କା ଆଦାୟ ହୋଇଛି ।

**ସିଏଚସି, ଅର୍ବାନ ଡେପ୍ରାଇଭଡ୍ ହଷ୍ଟେଲ ଓ ଆଇଟିଆଇ ବୁଲି ଦେଖିଲେ**

କେନ୍ଦୁଝର ଜିଲା ବଡବିଲ ଗସ୍ତରେ ପହଂଚିଛି ସୁପ୍ରିମ କୋର୍ଟଙ୍କ ଦ୍ୱାରା ନିଯୁକ୍ତ ଡିଏମଏଫ(ଜିଲା ଖଣିଜ ପାଣ୍ଠି)ର ନୋଡାଲ ଅଫିସର ତଥାଅବସରପ୍ରାପ୍ତ ଜଷ୍ଟିସ ଏ କେ ପଟ୍ଟନାୟକଙ୍କ ନେତୃତ୍ୱରେ ଓଏମଡିଏ(ଓଡିଶା ମିନେରାଲ ଏରିୟା ଡେଭଲପମେଣ୍ଟ) କାଉନସିଲର ପ୍ରତିନିଧି ଦଳ। ଏହି ପ୍ରତିନିଧି ଦଳ ଅପରାହ୍ନରେ ବଡବିଲସ୍ଥିତ ସିଏଚସି(ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର), ସହରାଞ୍ଚଳ ବଞ୍ଚିତ ଛାତ୍ରାବାସ (ଅର୍ବାନ ଡେପ୍ରାଇଭ୍‌ଡ ହଷ୍ଟେଲ) ଓ ଆଇଡିଆଇ (ଶିଳ୍ପ ତାଲିମ କେନ୍ଦ୍ର) ବୁଲି ଦେଖିଛନ୍ତି । ସେଠାରେ ସ୍ଥାନୀୟ ଯୁବକ ମାନେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ସର୍ବାଙ୍ଗୀନ ଉନ୍ନତି, ଡାକ୍ତର ଓ ବିଭିନ୍ନ କର୍ମଚାରୀ ନିଯୁକ୍ତି ନିମନ୍ତେ ଦାବିପତ୍ର ଦେଇଥିଲେ।

**ମିରିଗିଶିଙ୍ଗାଠାରେ ମେଗା ଜଳ ପ୍ରକଳ୍ପ ପରିଦର୍ଶନ**

ଚମ୍ପୁଆ ବ୍ଲକ ଅନ୍ତର୍ଗତ କୋଦଗାଡିଆ ପଞ୍ଚାୟତର ମିରିଗିଶିଙ୍ଗାଠାରେ ନିର୍ମାଣାଧୀନ ମେଗା ଜଳ ପ୍ରକଳ୍ପ ଗୁରୁବାର ସୁପ୍ରିମକୋଟର ପୂର୍ବତନ ବିଚାରପତି ଏକେ ପଟ୍ଟନାଏକ ପରିଦର୍ଶନ କରିଛନ୍ତି। ଏଥି ସହିତ ଲହଣ୍ଡାସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ୧୦୪ କୋଟିଟଙ୍କା ବ୍ୟୟରେ ନିର୍ମାଣ ହେଉଥିବା ଏହି ପ୍ରକଳ୍ପ କେନ୍ଦୁଝର ଜିଲାର ଅନେକ ଅଞ୍ଚଳରେ ପାନୀୟ ଜଳ ଯୋଗାଣ କରିବ ବୋଲି ଜଣାପଡିଛି। ମୋଟ ୯୧ଟି ଗାଁକୁ ଏହି ପାନୀୟ ଜଳ ଯୋଗାଇ ଦିଆଯିବ ବୋଲି ବିଭାଗୀୟ ଯନ୍ତ୍ରୀ ପ୍ରକାଶ କରିଛନ୍ତି।

# ହାଇୱାରୁ ଡ୍ରାଇଭରଙ୍କ ମୃତଦେହ ଉଦ୍ଧାର

**ଝୁମ୍ପୁରା, ୨୭।୧୨ (ଡି.ଏନ.ଏ.)**

କେନ୍ଦୁଝର ଜିଲା ବାମେବାରୀ ଥାନା ଅନ୍ତର୍ଗତ ପଳାଶପଙ୍ଗା-ବାମେବାରୀ ରାସ୍ତାର ବମନଡିହା ଛକ ପାଖରୁ ବାମେବାରୀ ପୋଲିସ ଗୁରୁବାର ହାଇୱା ଟ୍ରକରୁ ଏକ ମୃତଦେହ ଜବତ କରିଛି। ପୋଲିସ ସୂଚନା ଅନୁଯାୟୀ ମୃତକ ଜଣକ ହେଲେ ଉକ୍ତ ହାଇୱା ଗାଡିର ଡ୍ରାଇଭର ଟଙ୍କଧର ନାଏକ(୫୦ବର୍ଷ) । ତାଙ୍କ ଘର ତେଲକୋଇ ବ୍ଲକର କୋତ୍ରାପାଲି ଗ୍ରାମରେ। ରକ୍ତ ଜୁଳୁବୁଳୁ ହୋଇ ପଡିଥିବା ମୃତଦେହ ଦେଖି ଏହା ଏକ ହତ୍ୟାକାଣ୍ଡ ବୋଲି ପୋଲିସ ପକ୍ଷରୁ ସନ୍ଦେହ କରାଯାଉଛି। ସେ ଯୋଡା ଅଞ୍ଚଳର ହାଇୱାଟ୍ରକ ନଂ (ଓଆର ୦୯ଜି-୩୧୫୯) ଚଳାଉ ଥିବାବେଳେ, ବୁଧବାର ହଳଦିଗୁଣାରେ ଥିବା ଏମଏସପି ପ୍ଲାଣ୍ଟକୁ ଆଣିଥିବା ମାଲ ଖାଲି କରି ଯୋଡାକୁ ଫେରୁଥିଲେ। ରାତିରେ କୌଣସିସମୟରେ ତାଙ୍କ ଉପରେ ଆକ୍ରମଣ ହୋଇଥିବା କୁହାଯାଉଛି। ସକାଳୁ ଗ୍ରାମବାସୀ ମୃତଦେହ ଦେଖି ବାମେବାରୀ ଥାନାକୁ ଖବର ଦେଇଥିଲେ। ଗାଡିର ମ୍ୟାନେଜର ସୁମିତ ମହାନ୍ତିଙ୍କ ରିପୋର୍ଟ ଉପରେ ବାମେବାରୀ ଥାନାଧିକାରୀ ପରେଶ ମହାନ୍ତ ଏକ ମାମଲା (ନଂ.୧୬୨/୨୦୧୮) ରୁଜୁ କରି ତଦନ୍ତ ଚଳାଇଛନ୍ତି ।

### ଅସହାୟଙ୍କୁ କମ୍ବଳ ବଣ୍ଟନ

**ଯୋଡା,୨୭।୧୨(ଡି.ଏନ.ଏ)**

ଯୋଡା ରୋଟାରୀ କ୍ଲବ ପକ୍ଷରୁ ଡିସେମ୍ବର ୨୫ ବଡଦିନକୁ ଏକ ଭିନ୍ନ ଢଙ୍ଗରେ ପାଳନ କରାଯାଇଛି। ଏହି ଅବସରରେ ରୋଟାରୀ କ୍ଲବର କର୍ମକର୍ତ୍ତାମାନେ ସାଣ୍ଟା କ୍ଲସ୍ ବଶରେ ସଜ୍ଜିତ ହୋଇ ବିଳମ୍ବିତ ରାତିରେ ଯୋଡାର ବସ୍‌ଷ୍ଟାଣ୍ଡ, ସୁପରମାର୍କେଟ୍ , କଳାପାହାଡ ଛକ, ରାଧାକୃଷ୍ଣ ମନ୍ଦିର, ଏସବିଆଇ ଛକଠାରେ ଥିବା କେତେକ ଗରିବ, ଅସହାୟ ଲୋକଙ୍କୁ କମ୍ବଳ ଓ ମିଷ୍ଟାନ୍ନ ବଣ୍ଟନ କରିଥିଲେ ।

# ବିନା ସୂଚନା ଫଳକରେ କାମ

**କେନ୍ଦୁଝର ୨୭।୧୨ (ସ୍ୱ.ପ୍ର.)**

ସଦର ବ୍ଲକ ମଇଦାନକେଲ ପଞ୍ଚାୟତର ଦେଓବନ୍ଧ ଗ୍ରାମରେ କୀର୍ତ୍ତନ ମଣ୍ଡପ ଠାରୁ ମହାନ୍ତ ସାହିକୁ ରାସ୍ତାକାମ ବିନା ସୂଚନା ଫଳକରେ ଏବଂ ଟ୍ରାକ୍ଟର ବ୍ୟବହାର କରି ବିଲରୁ ମାଟି ଆଣି କାମ କରାଯାଉଥିବା ଅଭିଯୋଗ ହୋଇଛି । ଅଭିଯୋଗ ମିଳିବା ପରେ କନିଷ୍ଠ ଯନ୍ତ୍ରୀ ଏହି କାମକୁ ବନ୍ଦ କରିଦେଇଥିବା ଜଣାପଡିଛି । ଗ୍ରାମସେବକଙ୍କ ଅନୁପସ୍ଥିତିରେ ବେଆଇନ ଭାବରେ ଏମଜିଏନଆରଇଜିଏସ ଯୋଜନାରେ ଏହି କାମ କରାଯାଉଥିଲା ବୋଲି କୁହାଯାଉଛି । ତିନି ଦିନ ପୂର୍ବରୁ ଏହି କାମ ଆରମ୍ଭ ହୋଇଥିଲା । ତେବେ ସ୍ଥାନୀୟ ସରପଞ୍ଚଙ୍କ ଘର ନିକଟରେ ଏହି କାମ ହେଉଥିଲେ ହେଁ କିପରି ଜାଣିପାରିଲେ ନାହିଁ ତାହାକୁ ନେଇ ସଂଶୟ ସୃଷ୍ଟି ହୋଇଛି । ଅନ୍ୟପକ୍ଷେ ଏବେ କାମ ଅଧପନ୍ତରା ହୋଇ ପଡିରହିବାରୁ ଯାନବାହନ ଚଳାଚଳରେ ବାଧା ସୃଷ୍ଟି ହୋଇଛି । ବିଦ୍ୟାଳୟ ଆଗରେ ଏହି ରାସ୍ତା ଥିବାରୁ ପିଲାମାନେ ଅସୁବିଧା ଭୋଗିବେ ବୋଲି ଗ୍ରାମବାସୀ କହିଛନ୍ତି । ସେହିପରି କାମ କରୁଥିବା ଶ୍ରମିକ ମାନେ ହଠାତ କାମ ବନ୍ଦ ହେବାରୁ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ପ୍ରକାଶ ଯେ ଗତ ଜୁନ ମାସରେ ପୂର୍ତ୍ତ ବିଭାଗ ରାସ୍ତା ଠାରୁ ଆମ୍ବତୋଟା ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ପାଇଁ ନିର୍ଦ୍ଦେଶ ହୋଇଥିଲା । ଉକ୍ତ ରାସ୍ତା ନିର୍ମାଣ ନ କରି ଭଲ ଥିବା ଏହି ରାସ୍ତାକୁ ଖୋଳି ନିର୍ମାଣ କରିବାକୁ ଉଦ୍ୟମ କରାଯାଉଥିବା ଜଣାପଡିବା ପରେ କାମ ବନ୍ଦ କରିଦେବାରୁ ଏଭଳି ପରିସ୍ଥିତି ଉପୁଜିଛି । ରାସ୍ତା ଖୋଳି ଦିଆଯାଇଥିବାରୁ ଏବେ ଯାତାୟତ ବିପଦପୂର୍ଣ୍ଣ ହୋଇପଡିଥିବାରୁ ଗ୍ରାମରେ ଅସନ୍ତୋଷ ଲାଗିରହିଛି । ବିନା ସୂଚନା ଫଳକରେ ଏଭଳି ଅନ୍ୟ ସ୍ଥାନରେ କାମ କରାଯାଉଥିବାରୁ ଏନେଇ ଗ୍ରାମବାସୀ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ।

ମା' ତାରିଣୀ କପ ଫୁଟବଲ ଟୁର୍ଣ୍ଣାମେଣ୍ଟ

# ଫାଇନାଲରେ ବାରିପଦା ସ୍ପୋର୍ଟସ୍ ହଷ୍ଟେଲ

**ଘସିପୁରା, ୨୭।୧୨(ଡି.ଏନ୍.ଏ.)**

ଆନନ୍ଦପୁର ବ୍ଲକ ଅନ୍ତର୍ଗତ ତରତରା ଫୁଟବଲ ଆସୋସିଏଶନ୍ ପକ୍ଷରୁ ଅନୁଷ୍ଠିତ ମା'ତାରିଣୀ କପ ଫୁଟବଲ ଟୁର୍ଣ୍ଣାମେଣ୍ଟର ୨୭ତାରିଖ ପଞ୍ଚମ ଦିବସରେ ବାରିପଦା ସ୍ପୋର୍ଟସ୍ ହଷ୍ଟେଲ ୧-୦ ଗୋଲରେ କଟକ ବିଡ଼ାନାସୀ କ୍ଲବକୁ ପରାସ୍ତ କରି ଫାଇନାଲକୁ ଉନ୍ନିତ ହୋଇଛି। ତରତରା ଖେଳ ପଡ଼ିଆରେ ୨୭ତାରିଖ ଗୁରୁବାର ବାରିପଦା ସ୍ପୋର୍ଟସ୍ ହଷ୍ଟେଲ ଓ କଟକର ବିଡ଼ାନାସୀ କ୍ଲବ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ପ୍ରଥମାର୍ଦ୍ଧରେ ବାରିପଦା ସ୍ପୋର୍ଟସ୍ ହଷ୍ଟେଲର ୧୯ ନମ୍ବର ଖେଳାଳୀ ରାଇସେନ୍ ଟୁଡୁ ଏକ ସୁନ୍ଦର ଗୋଲ ଦେଇଥିଲେ। ଖେଳ ଶେଷ ହେବା ପର୍ଯ୍ୟନ୍ତ କଟକ ବିଡ଼ାନାସୀ କ୍ଲବ ଗୋଲ ଦେଇ ନପାରିବାରୁ ପ୍ରଥମ ଦଳ ଭାବେ ବାରିପଦା ସ୍ପୋର୍ଟସ୍ ହଷ୍ଟେଲ ଫାଇନାଲକୁ ଉନ୍ନିତ ହୋଇଛି। ଗୁରୁବାର ୨୮ତାରିଖ ଦିନ ଦ୍ୱିତୀୟ ସେମିଫାଇନାଲରେ ବାଲେଶ୍ୱର ସ୍ପୋର୍ଟସ୍ ହଷ୍ଟେଲ ଓ ସ୍ପୋର୍ଟିଂ କ୍ଲବ ଭୁବନେଶ୍ୱର ମଧ୍ୟରେ ଖେଳ ଅନୁଷ୍ଠିତ ହେବବୋଲି କମିଟିର ସଭାପତି ମୁନା ସାମଲ ପ୍ରକାଶ କରିଛନ୍ତି। ଖେଳକୁ ରାଜ୍ୟସ୍ତରୀୟ ରେଫରୀ ମହମ୍ମଦ ଜହର, ଲାଇନ୍ସମ୍ୟାନ ଭାବେ ଅବିନାଶ ପଟ୍ଟନାୟକ, ସୁକାନ୍ତ ପ୍ରଧାନ ପରିଚାଳନା କରିଥିଲେ। ଚତୁର୍ଥ ରେଫରୀ ଭାବେ ଭୋଳାନାଥ ମହାକୁଡ଼ ସହଯୋଗ କରିଥିଲେ। ଖେଳରେ ତରତରା ଫୁଟବଲ ଆସୋସିଏଶନ୍‌ର ସଦସ୍ୟ ଜିତୁ ସାମଲ, ସୁଶାନ୍ତ ସାମଲ, ସୁରେଶ ଧଳ, କୁଲୁ ସାମଲ, ସଂଗ୍ରାମ ସାମଲ, ମନ୍ଦର ଜେନା ପ୍ରମୁଖ ସହଯୋଗ କରିଥିଲେ । ଆସନ୍ତା ୩୦ତାରିଖ ରବିବାର ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବବୋଲି ସୂଚନା ମିଳିଛି।

